## ସତ୍ୟ ବନାମ ମିଥ୍ୟା – ୨୦୦୨ ମସିହାର ଗୁଜୁରାଟ ଦଙ୍ଗାର କାହାଣୀ

## ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା

ମୁଁ ୦୪.୦୧.୨୦୧୪ ରେ ପୁନେରେ ଏକ ମରାଠୀ ପ୍ରକାଶିତ ପୁସ୍ତକ ‘ ମୋଦିନାମା ’ ଉନ୍ମୋଚନ ପାଇଁ ଯାଇଥିଲି । ଯାହାକୁ ମଧୁ ପୂର୍ଣ୍ଣିମା କିଶୋର ନାମକ ଜଣେ ଶିକ୍ଷାବିତ୍ତ ଓ ସମାଜ ସେବିକା ଲେଖିଛନ୍ତି । ସେ ପୂର୍ବରୁ ବି.ଜେ.ପି ର ସମର୍ଥକ ନଥିବା ସହ ତାଙ୍କର ବି.ଜେ.ପି ବିପକ୍ଷରେ ଅନେକ ବ୍ୟଙ୍ଗାତ୍ମକ ଲେଖା ମଧ୍ୟ ମୁଁ ପଢ଼ିଅଛି । ହେଲେ ଉକ୍ତ କାହାଣୀକୁ ସେ ୨୦୦୨ ମସିହାର ଦଙ୍ଗା ପରେ କିଛି ଜନତାଙ୍କ ଇଣ୍ଟରଭ୍ୟୁ କରି ସତ୍ୟ ଓ ବାସ୍ତବ ଘଟଣା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ପୁସ୍ତକର ମରାଠୀ ପ୍ରକାଶନ ପୁନେର ଶ୍ରୀ ବିନୀତ କୁବେରଙ୍କ ଦ୍ୱାରା ବହୁ ବିଶ୍ଳେଷଣ ପରେ କରାଯାଉଥିବା ବେଳେ ତାହାର ଇଂରାଜୀ ଓ ହିନ୍ଦୀ ପ୍ରକାଶନ ମଧ୍ୟ ଆଗକୁ ପ୍ରକାଶିତ ହେବାକୁ ଯାଉଅଛି । ଉକ୍ତ ଉଦ୍ଘାଟନ ଉତ୍ସବରେ ମୁଁ ମୋଦିଙ୍କ ବିରୋଧରେ ଲଗାଯାଇଥିବା କିଛି ଆରୋପ ସମ୍ବନ୍ଧରେ ପ୍ରକାଶ କରିଥିଲି ।

### କିଏ ସାବରମତୀ ଏକ୍ସପ୍ରେସରେ ନିଆଁ ଲଗାଇଥିଲେ ।

ପ୍ରଥମ ସମୀକ୍ଷାରୁ ସ୍ପଷ୍ଟ ହୋଇଥିଲା କି କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କିଛି ଆକ୍ରମଣକାରୀ ସାବରମତୀ ଏକ୍ସପ୍ରେସର ଏସ–୬ କୁ ନିଆଁ ଲଗାଇଥିଲେ । ପ୍ରଥମେ ଉକ୍ତ କେଶକୁ ଗୁଜୁରାଟ ପୋଲିସ ତଦନ୍ତ କରିଥିଲେ ଓ ତାହା ପରେ ମାନ୍ୟବର ସୁପ୍ରିମ କୋର୍ଟ ତାହାକୁ ଏସ.ଆଇ.ଟିକୁ ଦେଇଥିଲେ । ସେମାନେ ତଦନ୍ତ କରି ଜାଣିଥିଲେ କି ହତ୍ୟାକାଣ୍ଡର ପୂର୍ବ ଦିନ ଗୋଧ୍ରାର କେଉଁଠି ଯୋଜନା କରାଯାଇଥିଲା, ନିଆଁ ଲଗାଇବାକୁ ପେଟ୍ରୋଲ କେଉଁଠାରୁ ଆସିଲା, ଏସ–୬ ବଗିରୁ କେହି ବାହାରକୁ ନଯାଇ ପାରିବା ପାଇଁ କିପରି ବନ୍ଦ କରାଗଲା ଓ କିଛି ଅସ୍ତ୍ର ଶସ୍ତ୍ର ଧାରୀ ଆକ୍ରମଣକାରୀ କିପରି ବଗିକୁ ନିଆଁ ଲଗାଇଲେ ତାହା ସ୍ପଷ୍ଟ ହୋଇଥିଲା ।

ହେଲେ କିଛି ଗଣମାଧ୍ୟମ ଓ କିଛି ଏନ.ଜି.ଓ ଏହି ନିଆଁ ବାହାରୁ ଲାଗିନାହିଁ ଓ ବଗି ଭିତରୁ ହିଁ ଲାଗିଅଛି ବୋଲି ସ୍ୱର ଉଠାଉଥିଲେ । ହେଲେ ଦଙ୍ଗାର ଷଡ଼ଜନ୍ତ୍ର ତଥା ହତ୍ୟା ପାଇଁ ବହୁ ସଂଖ୍ୟକ ଲୋକଙ୍କ ବିରୋଧରେ କେଶ ଫାଇଲ କରାଯାଇଥିଲା ଓ ବହୁ ସଂଖ୍ୟକ ଲୋକଙ୍କୁ ଗିରଫ ମଧ୍ୟ କରାଯାଇଥିଲା । ଏଭଳି ପ୍ରମାଣ ଥାଇ ମଧ୍ୟ ଉ.ପା–୧ ସରକାରଙ୍କ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଜଣେ ଅବସରପ୍ରାପ୍ତ ଜଜ ୟୁ.ସି ବାନାର୍ଜୀଙ୍କ ନେତୃତ୍ୱରେ ଏକ କମିଟି ବସାଇଥିଲେ । ଯେକି ଉକ୍ତ ନିଆଁ ରେଳ ବଗି ମଧ୍ୟରୁ ହିଁ ଲାଗିଥିଲା ବୋଲି ମତ ଦେଇଥିଲେ । ହେଲେ ଏପରି ଆଧାରହୀନ ମତ,

ଯାହାର କୌଣସି ସତ୍ୟତା ହିଁ ନଥିଲା ତାହାକୁ ଡ଼ଷ୍ଟବିନକୁ ଫୋପାଡ଼ିବା ଭଳି ଅଣଦେଖା କରାଯାଇଥିଲା । ଯେଣୁ ହିନ୍ଦୁ ସମ୍ପ୍ରଦାୟର ଜନତା ହିଁ ଉକ୍ତ ଅଗ୍ନିକାଣ୍ଡରେ ଜଳି ଯାଇଥିଲେ ତେଣୁ ତାହାର ପ୍ରତିକ୍ରିୟା ସ୍ୱରୂପ ଗୁଜୁରାଟରେ ଦଙ୍ଗାର ଉପ୍ତତ୍ତି ହୋଇଥିଲା ।

**ମୋଦି କ୍ରିୟା–ପ୍ରତିକ୍ରିୟା ନେଇ କୌଣସି ଇଣ୍ଟରଭ୍ୟୁରେ ପ୍ରକାଶ କରି ନଥିଲେ ।**

୨୦୦୨ ମସିହାର ଦଙ୍ଗା ପରେ ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଗୁଜୁରାଟର ଏକ ଖବର କାଗଜରେ ମୋଦିଙ୍କର ଏକ ଇଣ୍ଟରଭ୍ୟୁ ପ୍ରକାଶ ପାଇଥିଲା, ମୋଦି ପ୍ରତି କ୍ରିୟାର ବିପରୀତ ପ୍ରତିକ୍ରିୟା ରହିଛି ବୋଲି କହି ଗୁଜୁରାଟର ଦଙ୍ଗା ଯଥାର୍ଥ ବୋଲି ମଧ୍ୟ ପ୍ରକାଶ କରିଥିଲେ । ହେଲେ ମୋଦି ଦଙ୍ଗାର ୨୦ ଦିନ ମଧ୍ୟରେ ଏପରି ଇଣ୍ଟରଭ୍ୟୁ ଦେବା ତ ଦୂର କଥା କୌଣସି ଇଣ୍ଟରଭ୍ୟୁ ମଧ୍ୟ ଦେଇ ନାହାନ୍ତି । ଖବର କାଗଜରେ ପ୍ରକାଶ ପାଇବା ପରେ ମଧ୍ୟ ମୋଦି ଏକ ଏଡ଼ିଟୋରିଆଲ କଲମରେ ତଥା ଇଲେକ୍ଟ୍ରୋନିକ୍ସ ମିଡ଼ିଆ ମାଧ୍ୟମରେ ନିଜର ସ୍ୱଷ୍ଟତା ଦେଇଥିଲେ ।

**୨୭.୦୨.୨୦୦୨ ରେ ମୁଖ୍ୟମନ୍ତ୍ରୀଙ୍କ ସଦନରେ ହୋଇଥିବା ବୈଠକ**

ମୁଖ୍ୟମନ୍ତ୍ରୀଙ୍କ ସଦନ, ଗାନ୍ଧିନଗରରେ ୮ଜଣ ବରିଷ୍ଠ ଅଫିସର, ଯେପରି ଡ଼ି.ଜି.ପି, ଗୃହ ମନ୍ତ୍ରାଳୟର ମୁଖ୍ୟ ସଚୀବ ଆଦି ଏକତ୍ରିତ ହୋଇ ଏକ ବୈଠକର ଅୟୋଜନ କରିଥିଲେ । ମାତ୍ର ଉକ୍ତ ଘଟଣାର ୪ ବର୍ଷ ପରେ ୨୦୦୬ ମସିହାରେ ଜାକିୟା ଜାଫ୍ରି ଅଭିଯୋଗ କରିଥିଲେ କି, ସେଠାରେ ସଞ୍ଜୀବ ଭଟ୍ଟ ଉପସ୍ଥିତ ଥିଲେ । ମାତ୍ର ସଞ୍ଜୀବ ଭଟ୍ଟଙ୍କ ଭଳି ଜଣେ ଏସ.ପି ସେଠାରେ ଉପସ୍ଥିତ ହେବାର କୌଣସି କାରଣ ନଥିଲା । ସେ ପ୍ରକାଶ କରିଛନ୍ତି କି ମୁଖ୍ୟମନ୍ତ୍ରୀ ହିନ୍ଦୁ ମାନଙ୍କୁ ନିଜ ଉପରେ ହୋଇଥିବା ଆକ୍ରମଣର ପ୍ରତ୍ୟୁତ୍ତର ଦେବାକୁ ଅନୁମତି ଦେବା କଥା କହିଥିଲେ । ହେଲେ ସଞ୍ଜୀବ ଭଟ୍ଟଙ୍କ ଫୋନ କଲିଂ ରିପୋର୍ଟରୁ ପ୍ରକାଶ ପାଏ କି, ସେ ଉକ୍ତ ସମୟରେ ଗାନ୍ଧିନଗରରେ ନୁହେଁ ବରଂ ଅହମ୍ମଦାବାଦରେ ଉପସ୍ଥିତ ଥିଲେ । ଏସ.ଆଇ.ଟି ମଧ୍ୟ ଅନ୍ୟ ୮ ଜଣ ଅଫିସରଙ୍କୁ ଜେରା କରି ସ୍ୱଷ୍ଟ ହୋଇଥିଲା ସେଠାରେ ସଞ୍ଜୀବ ଭଟ୍ଟ ଅନୁପସ୍ଥିତ ଥିଲେ । ହେଲେ କିଛି ଏନ.ଜି.ଓ, ପ୍ରଦେଶ କଂଗ୍ରେସ କମିଟିର କର୍ମଚାରୀମାନେ ମିଥ୍ୟା ପ୍ରମାଣ ଉପସ୍ଥାପନା କରିବା ଘଟଣା ମଧ୍ୟ ଧୀରେ ଧୀରେ ସ୍ୱଷ୍ଟ ହୋଇଯାଇଥିଲା । ଫଳରେ ମାଜିଷ୍ଟ୍ରିଆଲ କୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିଥିଲା ।

ଏହିପରି ଦୀର୍ଘ ୧୦ ବର୍ଷ ଧରି ମୋଦିଙ୍କ ବିରୋଧରେ ଷଡ଼ଜନ୍ତ୍ର ଚାଲିଅଛି । ତେବେ ଏପରି ମିଥ୍ୟା ପ୍ରଚାର ଦ୍ୱାରା ଅନ୍ୟକୁ ଦୋଷୀ ସାବ୍ୟସ୍ଥ କରାଇ ସରକାରର ପତନ କରାଇବା ଅପେକ୍ଷା ବରଂ

ଆତ୍ମ ବିଶ୍ଳେଷଣ ନିହାତି ଜରୁରୀ । ମୋର ପୂର୍ଣ୍ଣ ବିଶ୍ୱାସ କି, ମିଥ୍ୟା କେବେ ମଧ୍ୟ ସ୍ଥିର ହୋଇ ରହିପାରେନାହିଁ । ହେଲେ ସତ୍ୟ ସବୁବେଳେ ଅଚଳ ଓ ଅଟଳ ରହିଥାଏ ।